# ଶ୍ରୀରାଧା

ରାଧା ମୁଁ ଯେ ବୃଷଭାନୁ ଜେମା
　　　　ଗୋପ ନଗ୍ରେ କୃଷ୍ଣ ପ୍ରିୟତମା
ଯମୁନା ପୁଳିନୁ ବଂଶୀ ଉଦ୍‌ଘୋଷଇ
　　　　ମୋର ଶିରୋନାମା
କୁଳଟା ମୁଁ ଗୋପଦାଣ୍ଡେ
　　　　ରଟେ ମୋର କୁ ନାମଟି ଗୋପାଳ ମୁଖରେ
ସର୍ବନେତ୍ର ବିସ୍ଫାରିତ ଯେବେ
　　　　ଗମେ ନୈଶ ଅଭିସାରେ
ହେଉ ତାହା ଗୋପନଗ୍ର, ବୃନ୍ଦାବନ
　　　　ଯମୁନା ପୁଳିନ
ରାଧାଟା କୁଳଟା ନାରୀ ନ ଧରିବ
　　　　ଓଠେ କୃଷ୍ଣ ନାମ
ଜାତିରେ ବାଉଁଶ ବଂଶୀ ଧରିପାରେ
　　　　ଓଠେ ରାଧାନାମ
ରାଧା ମୁଁ ଯେ ବୃଷଭାନୁ ଜେମା
　　　　କୃଷ୍ଣ ପ୍ରିୟା ଗୋପର ଲଲାମ ॥

ସାଇତି ରଖଇ ସର, ଲବଣୀ, ଗୋରସ
　　　　ପ୍ରୀତିପର୍ଣ୍ଣେ କାହ୍ନୁ ସେବା ଲାଗି
ମନେ ବହି ଅଫୁରନ୍ତ ପ୍ରେମ
　　　　ନିଜେ କୃଷ୍ଣେ ଅର୍ପଇ ସୁହାଗୀ
ପ୍ରତୀକ୍ଷାର ଦୀପ ଜାଳି
　　　　ଶ୍ୟାମ ରାହା ଦେଖେ ଗୋପବାଳୀ

ଆସିବ କି କାହ୍ନା ସତେ ତେଜି ଆନ କୁଞ୍ଜ -
ଧନ୍ୟ ହେବ ଉଟଜ ଦେହଳୀ
ଗୋପାଳ ନିରସ ଜୀବ
ଗାଇ ପରା ତା' ଜୀବନ ଧନ
ଘରେ ଆସେ ଚନ୍ଦ୍ର ଯେବେ ନଏଁ
ଛାଡ଼େ ଦେଖି ଚଣ୍ଡାଂଶୁ କିରଣ
ଅଳସ ଗୋପିକା ମନ
ଦେହ ଚାହେଁ ଅବିରତ ଶ୍ୟାମର ମିଳନ
ରାଧା ମୁହିଁ ବୃଷଭାନୁ ଜେମା
କୃଷ୍ଣପ୍ରିୟା ଗୋପର ଲଲାମ ।।

ଯମୁନାର ସତୀ ଘାଟେ
ସଖିଗଣ ନିଅନ୍ତି ଶପଥ
ଆଜି ଠାରୁ କାହ୍ନା ସଂଗେ
ନ ହେବଟି ଗୋପନ ସାକ୍ଷାତ
ସେ ନନ୍ଦର ବଳା ଜାଣେ
କେତେ ଟାଣ ଗୋପିକାର ମନ
ଏକ ପଥେ ଶତ ମିଳି ନିଅନ୍ତି ଶପଥ,
ପଥାନ୍ତରେ ଲୋଡ଼ନ୍ତି ସେ ଭିନ୍ନ
ମନଃ ଚକ୍ଷୁ କରଇ ତର୍ଜମା
ହେରିବାକୁ ଅନ୍ଧକାରେ ଶ୍ରୀ ନନ୍ଦ ନନ୍ଦନ
ନ ପାଇଲେ ନିଶିକାଳେ ବ୍ରଜ ଚନ୍ଦ୍ରମୌଳୀ,
ଧା'ନ୍ତି ସର୍ବେ ରାଧାର ସଦନ
ସମାନ ନୟନେ କୃଷ୍ଣ ସର୍ବ ବ୍ୟାପେ,
ସର୍ବ ରମେ ଦେଖଇ ସମାନ
ରାଧା ମୁଁ ଯେ ବୃଷଭାନୁ ଜେମା
କୃଷ୍ଣପ୍ରିୟା ଶ୍ରୀଗୋପ ଲଲାମ ।।

ତିମିରିତି ଦିଗ୍‌ବଳୟେ ଧାଏଁ
ଦେଖି ଶ୍ରୀକୃଷ୍ଣ କାଳିମା
ଅମାନିଶି ବିତରଇ ମଧୁର ସୁଗନ୍ଧ
ରଙ୍ଗାଇ ମୋ ଶୁଭ୍ର ଅଙ୍ଗ ଶ୍ରୀକୃଷ୍ଣ ନୀଳିମା
ମୃତ୍ୟୁ ଦିଏନା ଯନ୍ତ୍ରଣା ମୋରେ
ପରାଣ ଲାଗଇ କାହ୍ନା ନଥିଲେ ପାଶ
ଯନ୍ତ୍ରଣା ଦିଅଇ ଯମୁନା ନୀଳିମା
କୃଷ୍ଣ ବିହୁନେ ବେସୁରା ପ୍ରଣୟ ରାସ
କେକୀ ସ୍ୱନ ମୋରେ ଦିଅଇ ଯାତନା
ବର୍ଷା ବିହୁନେ ଯେସନେ ଚକୋର ପ୍ରାଣ
କୃଷ୍ଣ ବିହୁନେ ଶ୍ରୀରାଧା ଅଧୁରା
କୃଷ୍ଣ ବିହୁନେ ବଂଶୀଟି ପ୍ରାଣହୀନ
ନଶ୍ୱର ଦେହ ଭାସ୍ୱରହୀନ
କୃଷ୍ଣ ଉରସେ ନ ଲୋଟିଲେ ଦିନେ ଦିନ
ରାଧା ମୁହିଁ ପରା ବୃଷଭାନୁ ଜେମା
କୃଷ୍ଣ ପ୍ରିୟା ମୁଁ ଶ୍ରୀ ବୃନ୍ଦାବନ ଲଲାମ ॥

ବଂଶୀବଟରୁ ବାଂଶ ମୂରଲୀ
ଡାକଦିଏ ଯେବେ ରାଧିକା ଗୋ ପ୍ରୀତିମତି
ପାଷାଣ ହୃଦୟ ହେଲେ ତରଳିବ
ଦୃଢ଼ ମତି ହେଲେ ବିଚ୍ୟୁତ ହେବ ଧୃତି
ଦିବସେ ମାନସେ ନିଅଇ ଶପଥ
ମଧୁ ଯାମିନୀରେ ରାଇବିନି କାହ୍ନା ଜମା
ତୁଳୀ ତଳପକୁ ତିନ୍ତାଇ ଶୋଉଛି
କୃଷ୍ଣର ନାମ ଓଠେ ଧରିବିନି ଜମା
ଶୁକ ଶାରିକାରେ ଦେଇଛି ମୁକତି
ଯମୁନାର ଜଳେ ମେଲିଛି ମୋ କୃଷ୍ଣ ବାସ

ଶ୍ୟାମ କୁଞ୍ଜର କୃଷ୍ଣ ସୁମନେ
ଫିଙ୍ଗିଛି ନେଇ ମୁଁ ଯମୁନାର ଜଳେ
ହୃଦେ ବହି ତୀବ୍ର ତ୍ରାସ
ଯେତେ ଯେତେ ଭାବେ, ସେତେ ସେତେ ସ୍ତବେ,
ସେତେ ସେତେ କାହ୍ନା ମନ ଅଙ୍ଗନ ରମେ
ରାଧା ମୁହିଁ ପରା ବୃଷଭାନୁ ଜେମା
କୃଷ୍ଣ ବିରହେ ନ ବଞ୍ଚିବି ଜମା
କୃଷ୍ଣ ଭରସେ ଲୁଟି ତା ବଦନ ଚୁମେ ।।

ନିଶୀଥିନୀ କୃଷ୍ଣ ନୀଳ ସାଗରର
ରଙ୍ଗିମା କୃଷ୍ଣ ନୀଳ
ସୀମାହୀନ ସେଇ ନୀଳ ଆକାଶ ଯେ
ନୀଳିମାର ଅସ୍ତାଚଳ
ଦୀର୍ଘ ପ୍ରାନ୍ତର, ଘଞ୍ଚ ବନାନୀ
ସବୁରେ ଦେଖଇ ନୀଳ ତିମିରିତ ଶ୍ୟାମ
ଶ୍ୟାମ ବିନା ସତେ ଜୀବନ ଧାରଣ
ଅନନ୍ତ ବିଶ୍ୱେ ନୁହେଁ ସଖି ଅନୁପମ
ଯେବେ ମୁଁ ଦେଖଇ କୁଞ୍ଜେ ଶ୍ୟାମରେ
ଖେଳେ ନଟବର ସହସ୍ର ଗୋପୀଙ୍କ ସାଥେ
ଯେବେ ମୁଁ ଦେଖଇ ଯମୁନାର ଜଳେ
ଦେଖେ ସର୍ବ ଗୋପୀ ମଗ୍ନ ନୀଳ ବିଚି ମାଥେ
ରାଧା ବିନା କୃଷ୍ଣ, କୃଷ୍ଣ ବିନା ରାଧା
କଳ୍ପନା କଲେ ଆଣିଦେବ ସ୍ମୃତି ଭ୍ରମ
ରାଧା ପରା ମୁହିଁ ବୃଷଭାନୁ ଜେମା
ଶ୍ରୀକୃଷ୍ଣର ପ୍ରିୟା ଶ୍ରୀଗୋପ ଗୋପୀ ଲଲାମ ।